Chapter- 1

# କାହା ମୁଖ ଅନାଇ ବଞ୍ଚିବି

**QUESTION BANK**

ସଂକ୍ଷିପ୍ତରେ ଉତ୍ତର ଲେଖ ।

(୧) ଯଶୋଦା କୃଷ୍ଣଙ୍କ ଶରୀରରେ କଣ ଲେପନ କରୁଥିଲେ ?

(୨) କୃଷ୍ଣଙ୍କ ଅନୁପସ୍ଥିତିରେ ଯଶୋଦା କେଉଁଠାରେ ଜୀବନ ହାରିବେ ବୋଲି କହିଛନ୍ତି ?

(୩) କୃଷ୍ଣ ରାଗିଗଲେ କଣ କରୁଥିଲେ ?

(୪) କୃଷ୍ଣ କାହାକୁ ଦେଖି ଭୟ କରୁଥିଲେ ?

(୫) କୃଷ୍ଣ ଡ଼ରିଗଲେ କଣ କରୁଥିଲେ ?

(୬) କୃଷ୍ଣ କେଉଁ ସ୍ଥାନକୁ ଉଠିପାରନ୍ତି ନାହିଁ ବୋଲି ଯଶୋଦା କହିଛନ୍ତି ?

(୭) କେଉଁଠାରେ ଭୟଙ୍କର ମୂର୍ତ୍ତୀର ଚିତ୍ର ଦେଖି କୃଷ୍ଣ ପଳାଇଯାଇଥିଲେ ?

(୮) କୃଷ୍ଣ କ୍ଳାନ୍ତ ହୋଇ ରାତ୍ରିରେ କେଉଁଠାରେ ଶୋଇ ଯାଉଥିଲେ ?

(୯) କୃଷ୍ଣ ଶୋଇଥିବାବେଳେ ଚମକି ଉଠୁଥିଲେ କାହିଁକି ?

(୧୦) କୃଷ୍ଣ ଚମକିପଡ଼ି କାହା କଣ୍ଠକୁ ଦୁଇହାତରେ ଭିଡ଼ିଧରୁଥିଲେ ?

**୧୧. ଠିକ୍ କରି ଲେଖ ।**

(୧) ଅଞ୍ଜଳୀ

ODM EDUCATIONAL GROUP Changing your Tomorrow

(୨) ଅବସର୍ଣ୍ଣ

(୩) ଅନୁସୂୟା

(୪) ଅନୁଦିତ

(୫) ଅସ୍ତମାନ

(୬) ଅପଦସ୍ତ

(୭) ଭୂବନେଶ୍ୱର

(୮) ଅଭଡ଼ା

(୯) ଅମୀୟ

(୧୦) ସୃଜନ

**୧୨. ରଚନା ଲେଖ ।**

(୧) ପରିବେଶ ପ୍ରଦୂଷଣ

(୨) କରୋନା ମହାମାରୀ

(୩) ସାହିତ୍ୟ ଓ ସମାଜ

୧୩. ନିମ୍ନଲିଖିତ ଶବ୍ଦଗୁଡ଼ିକର ଗଦ୍ୟରୂପ ଲେଖ ।

ଅଥିର, ସୁମରି, ସ୍ୱପନ, ଯେହ୍ନେ

୧୪. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ କରୁଥିବା ବାକ୍ୟରେ ବ୍ୟବହାର କର ।

ଜୀବନ, ଚିତା, ହରି, ବାଳ, ନିଶା

୧୫. ନିମ୍ନ ଶବ୍ଦଗୁଡ଼ିକର ଅର୍ଥଗତ ପ୍ରଭେଦ ଦର୍ଶାଅ ।

ସର-ଶର, ସୁଧା-ସୁଦ୍ଧା, ସମ-ଶସ

୧୬. ନିମ୍ନ ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।

ରାଜା, ନିଶା, ବସ୍ତ୍ର, ଅଙ୍ଗ, ବନ

୧୭. ନିମ୍ନଲିଖିତ ଶବ୍ଦଗୁଡ଼ିକର ବ୍ୟାସବାକ୍ୟ ସହ ସମାସର ନାମ ଲେଖ ।

ଶ୍ୟାମଘନ, ଦଶଦିଗ, ଚନ୍ଦ୍ରମୁଖ, ପାକଭାଣ୍ଡ

୧୮. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତ ଶବ୍ଦ ଲେଖ ।

ଶୂନ୍ୟ

ନିଦ୍ରା

ବାନ୍ଧିବା

ବିଚ୍ଛେଦ

ଅନ୍ଧାର

ODM EDUCATIONAL GROUP Changing your Tomorrow

**୧୯. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ** **[2 Marks]**

(କ) 'ଶ୍ୟାମଘନ' ବୋଲି କିଏ, କାହାକୁ ସମ୍ବୋଧନ କରିଛନ୍ତି ?

(ଖ) ଯଶୋଦା କୃଷ୍ଣଙ୍କ ଶରୀରରେ କ'ଣ ଲେପନ କରୁଥିଲେ ?

(ଗ) କୃଷ୍ଣ ବନକୁ ଗଲେ ଯଶୋଦାଙ୍କ ମନରେ କି ଅନୁଭୂତି ସୃଷ୍ଟି ହୁଏ ?

(ଘ) ଯଶୋଦା କୃଷ୍ଣଙ୍କୁ କ'ଣ କ'ଣ ଖାଇବାକୁ ଦିଅନ୍ତି ।

୨୦. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । **[1 Marks]**

(କ) କୃଷ୍ଣ ରାଗିଗଲେ କ'ଣ କରୁଥିଲେ –

(i) କାନ୍ଦୁଥିଲେ (ii)ଲୁଚି ଯାଉଥିଲେ

(iii)ପାକହାଣ୍ଡି ଭାଙ୍ଗି ଦେଉଥିଲେ (iv)ଦୁଷ୍ଟ ହେଉଥିଲେ

(ଖ) କୃଷ୍ଣ ପିତାଙ୍କୁ କ'ଣ ମାଗୁଥିଲେ ?

(i)ପଦ୍ମ (ii)ଧନ (iii)ଆକାଶର ଚନ୍ଦ୍ର (iv)ସୂର୍ଯ୍ୟ

(ଗ) 'ପିତାଙ୍କୁ ମାଗିବ କେହୁ ହରିରେ ଜୀବଧନ' – ଏଠାରେ 'ହରି'ଶବ୍ଦଟି କେଉଁ ଅର୍ଥରେ ବ୍ୟବହୃତ ହୋଇଛି ?

(i)ସୂର୍ଯ୍ୟ (ii)ବିଷ୍ଣୁ (iii)ତାରା (iv)ଚନ୍ଦ୍ର

(ଘ) 'କାହା ମୁଖ ଅନାଇ ବଞ୍ଚିବି' କବିତାଟି କେଉଁ କାବ୍ୟର ଅଂଶବିଶେଷ ?

(i)ଲାବଣ୍ୟବତୀ (ii)ଦ୍ୱାରିକା ମଙ୍ଗଳ (iii)ମଥୁରା ମଙ୍ଗଳ (iv)ଭାଗବତ

୨୧. ସରଳାର୍ଥ ଲେଖ :- **[5 Marks]**

(କ) ଜୀବନ ବିହୁନେ ଯେହ୍ନେ ଝଷ
ରାଜା ବିନେ ଯେହ୍ନେ ଗ୍ରାମଦେଶ ।

(ଖ) ସର ଲବଣୀ ଅଧାମ ପକ୍ୱରମ୍ଭା ସୁଧାସମ
ମୁଖେ ଦେଲେ ଥୁ ଥୁ କରି ପିଙ୍ଗୁ ।

୨୨. ନିମ୍ନ ଅନୁଚ୍ଛେଦଟିକୁ ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । **(2 x 5 = 10)**

ନବ୍ୟ ଶିକ୍ଷିତ ଲୋକଙ୍କ ମନରେ ଏପରି ବିରାଗ ଭାବ ଜାତ ହେଉଥିବାରୁ ଦେଶର ଶିଳ୍ପ ବାଣିଜ୍ୟର ଉନ୍ନତି ହୋଇପାରୁ ନାହିଁ । ଶିଳ୍ପ, ବାଣିଜ୍ୟ, କୃଷିର ଉନ୍ନତି ନ ହେବାଯାଏ ଦେଶର ଉନ୍ନତି ହୋଇପାରିବ ନାହିଁ । ବିଶ୍ୱବିଦ୍ୟାଳୟ ପ୍ରତ୍ୟାଗତ ଯୁବକ ଦୋକାନ କରିବାକୁ ଘୃଣା କରେ, କୃଷି କରିବାକୁ ଘୃଣା କରେ, ଅନ୍ୟାନ୍ୟ ଶିଳ୍ପକାର୍ଯ୍ୟ କରିବାକୁ ଘୃଣା କରେ, ମନରେ ଭାରି ଅହଙ୍କାର - ମୁଁ ବିଶ୍ୱବିଦ୍ୟାଳୟରୁ ଆସିଛି, ଏ କାର୍ଯ୍ୟଗୁଡ଼ାକ ମୋ ପଦମର୍ଯ୍ୟାଦାର ଉପଯୋଗୀ ନୁହେଁ !

ଆମ୍ଭେ ହାକିମ ହେବା, ଓକିଲ ହେବା, କିରାଣୀ ହେବା, ଚଉକିରେ ବସି ଗୋଡ଼ ହଲାଇବା, କୁଲିଗିରି କାର୍ଯ୍ୟ କରିବା ତ ଆମ୍ଭମାନଙ୍କର କାମ ନୁହେଁ । ଏ ଅହଙ୍କାର ଘେନି ଏମାନେ କେତେ କାଳ ବୁଲିବେ ! କି ନିର୍ବୋଧତା ! ଆପଣାର ଆବଶ୍ୟକ ପଦାର୍ଥ ଆପେ ପ୍ରସ୍ତୁତ କରିପାରିବାକୁ ଯେଉଁ ଜାତି ଶିଖିନାହିଁ, ସେ ଜାତି ପରମୁଖାପେକ୍ଷୀ ହୋଇ କେତେଦିନ ଚଳିବ ! ଗୋଟିଏ ଜାତି ଜୀବନଧାରଣ କରି ରହିବା ଲାଗି ଅର୍ଥର ପ୍ରୟୋଜନ । ଟଙ୍କା ଅର୍ଥ ନୁହେଁ, ଶିଳ୍ପ ଓ କୃଷିଲବ୍ଧ ବସ୍ତୁ ହିଁ ପ୍ରକୃତ ଅର୍ଥ । ଟଙ୍କା ଅର୍ଥ ବିନିମୟର ଦ୍ୱାରସ୍ୱରୂପ । କେବଳ ଟଙ୍କାଦ୍ୱାରା ମନୁଷ୍ୟ ଜୀବନଧାରଣ କରିପାରିବ ନାହିଁ । ଯେତେବେଳେ ଆମ ଦେଶରେ ଟଙ୍କାର ବ୍ୟବହାର ନଥିଲା, ସେତେବେଳେ କଉଡ଼ି ଟଙ୍କାର କାର୍ଯ୍ୟ କରୁଥିଲା । କଉଡ଼ି ପ୍ରଚୁର ପରିମାଣରେ ନଥିଲା ବେଳେ ପଦାର୍ଥ ଦ୍ୱାରା ପଦାର୍ଥ ବିନିମୟ ହେଉଥିଲା । ଲୋକେ ଧାନ ବଦଳରେ ଲୁଣ, ତେଲ ପାଉଥିଲେ, ଲୁଗାପଟା ପାଉଥିଲେ; ଅର୍ଥାତ୍ ଯେ ଯେଉଁ ପଦାର୍ଥ ପ୍ରସ୍ତୁତ କରୁଥିଲା, ସେ ସେହି ପଦାର୍ଥ ବିନିମୟରେ ଅନ୍ୟାନ୍ୟ ଆବଶ୍ୟକ ପଦାର୍ଥ ଆଣି ଆପଣା ଅଭାବ ପୂରଣ କରୁଥିଲା । ସୁତରାଂ ଟଙ୍କା ନଥାଇ ମଧ୍ୟ କାର୍ଯ୍ୟ ଚଳୁଥିଲା - ତେଣୁ କୁହାଯାଏ, ମୁଦ୍ରା ପ୍ରକୃତ ଅର୍ଥ ନୁହେଁ ।

**ପ୍ରଶ୍ନ :**

(କ) ବିଶ୍ୱବିଦ୍ୟାଳୟରୁ ଆସିଥିବା ଯୁବକ କେଉଁ କାର୍ଯ୍ୟ କରିବାକୁ ଘୃଣା କରେ ?

(ଖ) ଅହଙ୍କାରୀ ଯୁବକଟି କ’ଣ କରିଥାଏ ?

(ଗ) ମୁଦ୍ରା ପ୍ରକୃତ ଅର୍ଥ ନୁହେଁ – କାହିଁକି କୁହାଯାଇଛି ?

(ଘ) ଟଙ୍କାର ବ୍ୟବହାର ପୂର୍ବରୁ ପଦାର୍ଥର କିପରି ବିନିମୟ କାର୍ଯ୍ୟ ହେଉଥିଲା ?

**୨୩. ନିମ୍ନୋକ୍ତ ଉକ୍ତି ମଧ୍ୟରୁ ଯେଉଁ ଗୁଡିକ ଠିକ୍ ତାହା ଲେଖ ।**

କ) ‘ଜୀବନ’ ଅଭାବରେ ମାଛ ବଞ୍ଚିପାରେ ।

ଖ) କୃଷ୍ଣ ତାଙ୍କ ପିତାଙ୍କୁ ଚନ୍ଦ୍ର ଆଣି ଦେବା ପାଇଁ ଅଳି କରୁଥିଲେ ।

ODM EDUCATIONAL GROUP Changing your Tomorrow

ଗ) ଯଶୋଦା କୃଷ୍ଣଙ୍କୁ ମଥୁରାକୁ ଯିବାକୁ ବାରଣ କରୁଥିଲେ ।

ଘ) ଯଶୋଦା ପକ୍ଷରେ କୃଷ୍ଣ ବିଚ୍ଛେଦ ଅସହ୍ୟ ଥିଲା ।

ଙ) କୃଷ୍ଣ ପିଲାଦିନେ କାହାକୁ ଡରୁ ନଥିଲେ ।

ଚ) କୃଷ୍ଣ ରାଗିଗଲେ ରନ୍ଧାହାଣ୍ଡି ଭାଙ୍ଗି ଦେଉଥିଲେ ।

ଛ) କୃଷ୍ଣ ଉଚ୍ଚ ପାହାଚ ଚଢିପାରୁ ନଥିଲେ ।

**୨୪. ନିମ୍ନଲିଖିତ ଶବ୍ଦଗୁଡିକର ଗଦ୍ୟ ରୂପ ଲେଖ ।**

ଅଥିର

ସୁମରି

ସ୍ୱପନ

ଯେହ୍ନେ

**୨୫. ନିମ୍ନଲିଖିତ ଶବ୍ଦଗୁଡିକୁ ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ କରୁଥିବା ବାକ୍ୟରେ ବ୍ୟବହାର କର ।**

ଜୀବନ

ଚିତା

ହରି

ବାଳ

ନିଶା

**୨୬. ଶୂନ୍ୟସ୍ଥାନ ପୂରଣ କର ।**

କ) 'କାହା ମୁଖ ଅନାଇ ବଞ୍ଚିବି' – ଏହି ଉକ୍ତିଟି ମାତା ଯଶୋଦା -------ଙ୍କ ଉଦ୍ଦେଶ୍ୟରେ କହିଛନ୍ତି ।

ଖ) 'ଜୀବନ ବିହୁନେ ଯେହ୍ନେ ଝସ' – ଏଠାରେ 'ଜୀବନ' ଶବ୍ଦ -----ଅର୍ଥରେ ପ୍ରଯୁକ୍ତ ହୋଇଛି ।

ODM EDUCATIONAL GROUP Changing your Tomorrow

ଗ) ଶ୍ରୀକୃଷ୍ଣ -----ରେ ଘାରି ହେଉଥିଲେ ।

ଘ) ଯଶୋଦା ଶ୍ରୀକୃଷ୍ଣଙ୍କ କେଶ ବନ୍ଧନ କରି ------ରେ ସୁବେଶ କରୁଥିଲେ ।

ଙ) ଯଶୋଦା ଶ୍ରୀକୃଷ୍ଣଙ୍କ ଲଲାଟରେ ------ଲଗାଇ ଦେଉଥିଲେ ।

ଚ) ମାତା ଯଶୋଦା ଶ୍ରୀକୃଷ୍ଣଙ୍କ ଅଙ୍ଗରୁ ------ପୋଛି ଦେଉଥିଲେ ।

ଛ) ଯଶୋଦା ଶ୍ରୀକୃଷ୍ଣଙ୍କୁ ------ ପିନ୍ଧାଇ ଦେଇଥିଲେ ।

ଜ) ଯଶୋଦା ଶ୍ରୀକୃଷ୍ଣଙ୍କୁ -------ଖାଇବାକୁ ଦେଉଥିଲେ ।

ଝ) କୃଷ୍ଣ ଅନ୍ଧାର ଘର ଦେଖିଲେ ଭୟରେ ------ହୁଅନ୍ତି ।

ଞ) -------ରେ ହାତୀ ଘୋଡା ମାନେ ଗର୍ଜିବେ ବୋଲି ଯଶୋଦା କହିଛନ୍ତି ।

ଟ) ଯଶୋଦାଙ୍କ ପକ୍ଷରେ ------ଙ୍କର ବିଚ୍ଛେଦ ଅସହ୍ୟ ଥିଲା ।

ଠ) ଯଶୋଦା କୃଷ୍ଣଙ୍କୁ ------କୁ ଯିବାକୁ ବାରଣ କରୁଥିଲେ ।

ODM EDUCATIONAL GROUP
Changing your Tomorrow

****